ଅମୃତ ଦୁନିଆ
୧୭ ମେ ୨୦୨୫





# ଭାରତୀୟ ଯବାନଙ୍କ ମନୋବଳ, ସାମର୍ଥ୍ୟ ବୃଦ୍ଧି ପାଇଁ ଅଖଣ୍ଡଦୀପ ଲଗାଇଲା ସଂସ୍କାରବାଦୀ



**ବ୍ରହ୍ମପୁର (ଅମୃତ ମିଡିଆ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସଂସ୍କାରବାଦୀ ଓ ଓଡ଼ିଆ ଭାଷା ଆନ୍ଦୋଳନର ସଭାପତି ଭାଷା ତପସ୍ୱୀ ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ସଂସ୍କାରବାଦୀ, ଓଡ଼ିଆ ଭାଷା ଆନ୍ଦୋଳନ, ମର୍ଣ୍ଣିଙ୍ଗ ୱାକର କ୍ଲବ, ବରିଷ୍ଠ ନାଗରିକ ମଞ୍ଚ ଓ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ନିମନ୍ତେ ପ୍ରତିଷ୍ଠିତ ଏଡିଆଇଭି ର ସଦସ୍ୟ ମାନେ ବିଜିପୁର ପୋଖରୀ ସଂଲଗ୍ନ ରାସ୍ତାରେ ଥିବା ହନୁମାନ ମନ୍ଦିରରେ ଅଖଣ୍ଡ ଦୀପ ଲଗାଇବା ସହ ଭୋଗ ଲଗାଇଛନ୍ତି । ପ୍ରାରମ୍ଭରେ ଭାଷା ଆନ୍ଦୋଳନର ସମ୍ପାଦକ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ ଓ ହନୁମାନଙ୍କର ସ୍ତୋତ୍ର ଆବୃତ୍ତି କରିଥିଲେ । ପହେଲଗାମର ମୃତକ, ଭାରତ ପାକ ଯୁଦ୍ଧ ସମୟରେ ଶହୀଦ ହୋଇଥିବା ବୀର ଜବାନ ଓ ସୀମାନ୍ତ ଗୁଳି ବିନିମୟରେ ପ୍ରାଣ ହରାଇଥିବା ନିରୀହ ଦେଶବାସୀଙ୍କ ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଭାରତୀୟ ସେନାଙ୍କର ମନୋବଳ ବୃଦ୍ଧି ଓ ସମର୍ଥ୍ୟରେ ପାରଦର୍ଶିତା ଉଦ୍ଦେଶ୍ୟରେ ବୀର ହନୁମାନଙ୍କ ନିକଟରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ଓ ପୂଜା ବିଦ୍ଧି କରାଯାଇଥିଲା । ବିଶ୍ୱରୁ ଆତଙ୍କୀ ମାନଙ୍କର ବିନାଶ କାମନା କରାଯାଇଥିଲା । ଏଥିରେ ଏଡିଆଇଭି ସଭାପତି ଆଦିନାରାୟଣା, ସରିତା ମାଡାମ, ନଳିନୀ କାନ୍ତ ତ୍ରିପାଠୀ, ନାଗେଶ୍ୱର ପୃଷ୍ଟି, ରବୀନ୍ଦ୍ର ପଣ୍ଡା ଓ ମଙ୍ଗୁଲୁ ପଣ୍ଡା ଲଡୁ କିଶୋର ପାତ୍ର, ରବି ନାରାୟଣ ସାବତ, କେଦାରନାଥ ଜେନା ଆନନ୍ଦ ରାଓ ପାତ୍ର, ସୁଜିତ ଭୂୟାଁ, ମିଟୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସଭାପତି ଶ୍ରୀ ମହାରଣା ୧୯୭୧ ପରଠାରୁ ପାକିସ୍ତାନ ସୈନ୍ୟ ମାନଙ୍କର ଦୌରାତ୍ମ୍ୟ ଓ ୧୯୯୦ରୁ ସନ୍ତ୍ରାସ ବାଦୀ ମାନଙ୍କର ଅତ୍ୟାଚାର ବର୍ତ୍ତମାନ ସମସ୍ତ ସୀମା ଅତିକ୍ରମ କରିଥିବା କହିଥିଲେ । ହିମାଂଶୁ କୁମାର ପଟ୍ଟନାୟକ ଚୀନର ଦୋମୁହାଁ ନୀତି ଓ ଭାରତରୁ ସାହାଯ୍ୟ ପାଉଥିବା ତୁର୍କୀର ବିଶ୍ୱାସଘାତକତା କହିଥିଲେ । ପ୍ରମୋଦ କୁମାର ସାହୁ ଭାରତୀୟ ସେନାର ବୀରତ୍ୱ କାହାଣୀ କହି ସ୍ଲୋଗାନ ଦେଇଥିଲେ । ଏହାପରେ ସମବେତ ଜନତା ବୀରତ୍ୱର ପ୍ରତୀକ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟକୁ ପଦଯାତ୍ରାରେ ଯାଇଥିଲେ । ପରୀକ୍ଷିତ ବେହେରା ଓ ଶିବପ୍ରସନ୍ନ ମିଶ୍ର ସ୍ଲୋଗାନ ଦେଇ ପଦଯାତ୍ରା ପରିଚାଳନା କରିଥିଲେ । ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା ଓ ସଦସ୍ୟ ମାନେ ପୁଷ୍ପାଞ୍ଜଳି ଦେଇଥିଲେ । ଶେଷରେ ଉପସ୍ଥିତ ଥିବା ଦେଶପ୍ରେମୀ ମାନଙ୍କୁ ଭିକାରୀ ଗୌଡ଼ ଓ ଲଳିତ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସିମାଞ୍ଚଳ ପତି ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## ପଞ୍ଚଠାକୁରାଣୀ ଯାତ୍ରା: ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼



**ପୁରୁଷୋତ୍ତମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଠାରେ ଚାଲିଥିବା ପଞ୍ଚଠାକୁରାଣୀଙ୍କ ଯାତ୍ରା ନବମ ଦିନରେ ପହଞ୍ଚିଛି । ପଞ୍ଚ ଠାକୁରାଣୀ ମା' କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ପୂଜାପାଉଛନ୍ତି । ଏଥିଲାଗି ସମଗ୍ର ସହର ଉତ୍ସବମୁଖର ହୋଇପଡିଛି । ଗୁରବାର ସଂକ୍ରାନ୍ତି ହୋଇଥିବାରୁ ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଦେଇଛି । ପୁରୁଷୋତ୍ତମପୁର ସମେତ ଆଖପାଖ ଗ୍ରାମବାସୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିବାରେ ଲାଗିଛନ୍ତି ।

# ଆଖିବୁଜିଲେ ପୁଅ, ଝିଅଙ୍କୁ ବିଷଦେଇ ମାରିଥିବା ବାପା

## ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ହରାଇଥିଲେ ମାନସିକ ଭାରସାମ୍ୟ



**ପାରଳାଖେମୁଣ୍ଡି (ଅମୃତ ମିଡିଆ):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ପୁଅଝିଅଙ୍କୁ ବିଷ ଦେଇ ମାରିଥିବା ବାପା ଶୁଭାଶିଷ ପାଣିଗ୍ରାହୀ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ଆଖି ବୁଜିଛନ୍ତି । ଗତ ମାର୍ଚ୍ଚ ୨୧ ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀଙ୍କ ସନ୍ଦେଜନକ ମୃତ୍ୟୁ ଘଟିଥିଲା । ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଶୁଭାଷିଶ ବୁଧବାର ପିଲାଙ୍କୁ ବିଷ ପିଆଇ ନିଜେ ବିଷ ପିଇ ଦେଇଥିଲେ । ଏବେ ପୂରା ପରିବାର ଲୋକଙ୍କ ମୃତ୍ୟୁ ଘଟିଛି । କାହିଁକି ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ତାହା ଜଣାପଡି ନାହିଁ । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁଭାଶିଷଙ୍କ ଘରେ ତଦନ୍ତ ଆରମ୍ଭ କରିଛନ୍ତି ।

ଶୁଭାଶିଷ ବୁଧବାର ମଧ୍ୟାହ୍ନରେ ୮ ବର୍ଷର ପୁଅ ବିଜୟାନନ୍ଦ ଓ ୧୨ ବର୍ଷର ଝିଅ ପ୍ରିୟଦର୍ଶନୀଙ୍କୁ କୌଣସି ଖାଦ୍ୟରେ ବିଷ ଦେଇ ନିଜେ ତାହାକୁ ଖାଇ ଦେଇଥିଲେ । ପରେ ସେ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡରେ ତାଙ୍କ ବାପା ବୁଚିବାବୁ ପାଣିଗ୍ରାହୀଙ୍କୁ ଫୋନ କରି ଆମେ ବିଷ ଖାଇଦେଇଛୁ ମରିଯିବୁ, ଶେଷଥର ପାଇଁ ଦେଖିଦିଅ ବୋଲି କହିଥିଲେ ।

ବୁଚିବାବୁ ତୁରନ୍ତ ପହଞ୍ଚି ସାହିପଡିଶା ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପୁଅ ବିଜୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା ଶୁଭାଷିଶ ଓ ଝିଅ ପ୍ରିୟଦର୍ଶନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ରାତି ପ୍ରାୟ ୯ଟାରେ ପ୍ରିୟଦର୍ଶନୀ ଓ ଗୁରୁବାର ସକାଳେ ଶୁଭାଷିଶଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

ପାରଳାଖେମୁଣ୍ଡିରେ ପୁଅ ଓ ବ୍ରହ୍ମପୁରରେ ବାପଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି । ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ଘରେ ପହଞ୍ଚି ବୁଧବାର ଶୁଭାଶିଷ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ, ପିଇଥିବା ବିଷ ସଂଗ୍ରହ କରିବା ସହ ଖାନତଲାସୀ କରିଛି ।

ପୋଲିସ ଘଟଣା ସମ୍ପର୍କରେ ସାହି ପଡୋଶୀ ଓ ପରିବାରବର୍ଗଙ୍କୁ ପଚରାଉଚୁରା କରିଛି । ପୁଅର ଆର୍ଥିକ ସମସ୍ୟା ନ ଥିଲା କି ସେ କୌଣସି ଚାପରେ ନ ଥିଲେ ବୋଲି ଶୁଭାଷିଶଙ୍କ ବାପା ବୁଚିବାବୁ ସ୍ପଷ୍ଟ କରିଛନ୍ତି । ତେବେ କେଉଁ ପରିସ୍ଥିତିରେ ପିଲାଙ୍କୁ ମାରି ସେ ନିଜେ ଜୀବନ ହାରିଲେ ଓ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ କାହାର ହାତ ଅଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି ।

# ହିନ୍ଦୋଳ ହରିହାଟ ମହୋତ୍ସବ ଉଦ୍‌ଯାପିତ



**ହିନ୍ଦୋଳ (ଅମୃତ ମିଡିଆ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ହରିହାଟ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ଢେଙ୍କାନାଳ ସଦର ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଏନ୍‌ଏସି ଅଧକ୍ଷ କେଶବ ପ୍ରଧାନ, ଉପାଧକ୍ଷା ପ୍ରତିମା ରାଉତ, ହିନ୍ଦୋଳ ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ସହକାରୀ ଉପଜିଲ୍ଲାପାଳ ବିଶ୍ୱଜିତ ରାଉ,ଉପଖଣ୍ଡ ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ତପନ ବେଉରା, କମିଟି ସଭାପତି ପ୍ରଦୀପ ସାମନ୍ତ ଓସମ୍ପାଦକ ବିଶେଶ୍ୱର ସେଠି ପ୍ରମୁଖ ମଞ୍ଚାସିନ ହୋଇଥିଲେ । ହିନ୍ଦୋଳର ବହୁପୁରାତନ ଐତିହ୍ୟ ହରିହରଙ୍କ ଉତ୍ସବକୁ ମହୋତ୍ସବ ଭାବରେ ପାଳନ କରାଯାଇ ଦଳମତ ନିର୍ବିଶେଷରେ ହିନ୍ଦୋଳର ଐତିହ୍ୟ,ଏକତା,ଭାଇଚାରା ଓ ଧାର୍ମିକ ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କର ଏହି ଉଦ୍ୟମ । ଆମ୍ଭମାନଙ୍କର ଏକ ଗଭୀରସମ୍ପର୍କ ହିନ୍ଦୋଳବାସୀଙ୍କ ସହିତ ଜଡିତ, ସେଥିପାଇଁ ଆମ୍ଭେମାନେ ସବୁକ୍ଷେତ୍ରରେ ହିନ୍ଦୋଳ ଜନସାଧାରଣଙ୍କ ସାଥିହୋଇ ରହିଛୁ ବୋଲି ମୁଖ୍ୟଅତିଥି ବ୍ରଜକିଶୋର ଓ ମୁଖ୍ୟବକ୍ତା ସୁଧୀର ନିଜ ବକ୍ତବ୍ୟରେ କହିଥିଲେ । ଏବଂ ଆୟୋଜକ ମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ । ତେବେ କମିଟି ପକ୍ଷରୁ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରକାର ମନୋହର ଦୋକାନ, ଫାଷ୍ଟଫୁଡ ଦୋକାନ ଓ ବିଭିନ୍ନ ପ୍ରକାରର ଦୋକାନ ସାଙ୍ଗକୁ ଦୋଳି ଆଦି ଦେଖିବାକୁ ମିଳିଥିଲା । ଯାହାଫଳରେ ଲୋକମାନେ ଢେର୍ ସାରା ମନଭରି ଉପଭୋଗ କରିଥିଲେ ।

## ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ

**ଚଣ୍ଡିଖୋଲ (ଅମୃତ ମିଡିଆ):** ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଗତ ମହାବିଷୁବ ପଣା ସଂକ୍ରାନ୍ତି ଠାରୁ ଆଜି ବୃଷ ସଂକ୍ରାନ୍ତି ପର୍ଯ୍ୟନ୍ତ ଚଣ୍ଡିଖୋଲ,ଚଡେଇଧରା, ଓ ବାଲିଚନ୍ଦ୍ରପୁର ଠାରେ ଜଳ ଛତ୍ର କେନ୍ଦ୍ର ଖୋଲା ଯାଇ ପଥଚାରୀ ମାନଙ୍କୁ ସୁସ୍ୱାଦୁ ଦହି ସରବତ ବଣ୍ଟନ କରା ଯାଉଥିଲା ।

# ହିନ୍ଦୋଳ ଯୋଗାଣ ବିଭାଗର ଦାୟିତ୍ୱହୀନ କାର୍ଯ୍ୟ, ବଳି ପଡୁଛନ୍ତି ଗରିବ ହିତାଧିକାରୀ

**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଯୋଗାଣ ବିଭାଗ କେତେବେଳେ ଜୀବିତକୁ ମୃତ ଦର୍ଶାଇ ରାସନ୍ କାର୍ଡ଼ କାହାର କାଟି ଦେଉଛି, ତ ପୁଣିକେତେବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶାଇ ରାସନ୍ କାର୍ଡ଼ କାଟି ଦେଉଛି । ଯୋଗାଣ ବିଭାଗର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି । ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଗଣ୍ଡନାଳୀ ଗ୍ରାମର ବିଦ୍ୟାଧର ସାହୁ (୮୦) ନାମକ ଏକ ବୃଦ୍ଧ ବ୍ୟକ୍ତିଙ୍କର ରାସନ୍ ? କାର୍ଡ଼ କାଟି ଦିଆଯାଇଛି । ସେ ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି । ରାସନ୍ କାର୍ଡ଼ ହିତାଧିକାରୀ ବିଦ୍ୟାଧର ଫେରାଇଥିବା ନେଇ ମଧ ଯୋଗାଣ ବିଭାଗ ତଥ୍ୟ ପ୍ରଦାନ କରିଛି । ଯାହାକି ସଂପୂର୍ଣ୍ଣ ମିଥ୍ୟା ତଥ୍ୟ ।



ଏବେବି ରାସନ୍ କାର୍ଡ଼ ହିତାଧିକାରୀଙ୍କ ପାଖରେ ମହଜୁଦ୍ ଅଛି ବୋଲି ହିତାଧିକାରୀ କହିଛନ୍ତି । ହିନ୍ଦୋଳ ଯୋଗାଣ ବିଭାଗ କିପରି ଦାୟିତ୍ୱହୀନ ଭାବେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ଅଯୋଗ୍ୟ ହିତାଧୀକାରୀ ଦର୍ଶାଇ ଦୀର୍ଘ ୮ ବର୍ଷ ହେଲା ରାସନ୍ କାର୍ଡ଼ କାଟିଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ବ୍ୟକ୍ତିଙ୍କର ବକେୟା ରାସନ୍ କୁ ପ୍ରଦାନ କରିବା ସହ ଅଯୋଗ୍ୟ ଘୋଷିତ କରି ରାସନ୍ କାର୍ଡ଼ କାଟିଥିବା ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି । କିଛିଦିନ ତଳେ ମଧ କୁଟୁଣିଆ ପଞ୍ଚାୟତ ଗୁଆଗରିଆ ଗ୍ରାମର ଜଣେ ଜୀବିତ ଅସହାୟ ବିଧବା ମହିଳାଙ୍କୁ ମୃତ ଦର୍ଶାଇ ରାସନ୍ ରୁ ବଞ୍ଚିତ କରିଥିଲା ହିନ୍ଦୋଳ ଯୋଗାଣ ବିଭାଗ । ଯାହାକୁ ନେଇ ସେତେବେଳେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

# ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାଭିତ୍ତିକ ନିଯୁକ୍ତି କେବେ

**ରାଇଘର (ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ଗତ କିଛି ମାସ ତଳେ ଅଭିବକ୍ତ କୋରାପୁଟ ବନ୍ଦ ଡାକରା ଦେଇଥିଲା । ବର୍ତ୍ତମାନ ସୁଦ୍ଧା ଏଥି ପ୍ରତି କୌଣସି ପ୍ରକାର ପଦକ୍ଷେପ ନିଆ ଯାଇ ନ ଥିବା ଦେଖିବାକୁ ମିଳିଛି । ଯାହାଫଳରେ ଶିକ୍ଷିତ ବେକାର ଚାକିରି ଖଣ୍ଡିଏ ନ ପାଇଁ ଚିନ୍ତିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଗତ କିଛି ମାସ ପୂର୍ବେ ଅଭିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦେଇଥିଲା । ସେହିଭଳି ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ରାଇଘର ବ୍ଲକ ରେ ମଧ୍ୟ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଥିଲା ଏହି ବନ୍ଦ ଡାକରା ରେ ମୁଖ୍ୟତ ଛାତ୍ର ସଂଘ,ସରପଞ୍ଚ ସଂଘ ଓ କ୍ରିୟାନୁଷ୍ଠାନ କମିଟି ତରଫରୁ ଦୋକାନ ବଜାର, ଗାଡି ମଟର ବନ୍ଦ କରି ଅନଶନ ରେ ବସିଥିଲେ ,ପ୍ରକାଶ ଥାଉ କି ଗତ ବର୍ଷ ମୋଟ ୧୧୧୭ ଟି ଶିକ୍ଷକ ପଦବୀ ରୁ ନବରଙ୍ଗପୁର ଜିଲ୍ଲାରେ ୮୬୦ ଗୋଟି ଶିକ୍ଷକ ନିଯୁକ୍ତିର ଏଗ୍ରିମେଣ୍ଟ ପ୍ରକ୍ରିୟା ଚାଲୁ ରହିଥିଲା ।ଏଥିରେ ବାହାର ଜିଲ୍ଲା ର ପିଲାମାନେ ଆସି ସାମିଲ ହୋଇଥିଲେ ,ଏହା ଜାଣି ଅବିଭକ୍ତ କୋରାପୁଟ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରି ଅନ୍ୟ ଜିଲ୍ଲାର ଯୁବକ ଯୁବତୀ ର ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରା ନ ଯାଏ ତାହାହେଲେ ଆଗାମୀ ଦିନ ରେ ଅଭିଭକ୍ତ କୋରାପୁଟ ଜିଲ୍ଲା ବାସୀ ରାଜରାସ୍ତାକୁ ଓହ୍ଲାଇ ବାକୁ ଚେତାବନୀ ଦେଇଥିଲେ । ଏହି ବନ୍ଦ ପାଳନ ବେଳେ ନବରଙ୍ଗପୁର ଜିଲ୍ଲା ର ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲା । ଏହି ବନ୍ଦ ଡାକରା ବେଳେ ରାଇଘର ବ୍ଲକରେ ମଧ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କାର, ଯତୀନ୍ଦ୍ର ଗଣ୍ଡ, ରାଇସିଂ ଗଣ୍ଡ, ଜଗନ୍ନାଥ ନାୟକ ଙ୍କ ସମେତ ବହୁ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ନିଆ ଯାଇନଥିବା ଜଣାଯାଇଛି । ଜିଲ୍ଲାରେ ବହୁ ଯୁବକ ଯୁବତୀ ବି ଏ ଡ୍ ପାସ୍ କରି ଓଟିଇଟି, ଓସ୍ ଏସ ଏସ ଟି ମଧ ପାସ କରି ଚାକିରି ଖଣ୍ଡିଏ ପାଇଁ ଆଶା କରି ରହିଥିବା ଜଣାଯାଇଛି ।

## ପରିବା ବ୍ୟବସାୟୀ ସଂଘ ମୁଖ୍ୟ ସଂଗଠକଙ୍କ ହୃଦଘାତରେ ମୃତ୍ୟୁ

**ଭଞ୍ଜନଗର (ଅମୃତ ମିଡିଆ):** ସହରର ପରିବା ବ୍ୟବସାୟୀ ସଂଘ ର ମୁଖ୍ୟ ସଂଗଠକ ତଥା ଏହି ସଂଘର ପ୍ରତିଷ୍ଠାତା ସଭାପତି ବିଶ୍ୱନାଥ ପ୍ରଧାନ (ବିଶୁ) ଙ୍କ ୬୨ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ଘଟିଛି । ଗୁରୁବାର ଭୋରରୁ ସେ ଘରୁ ମର୍ଣ୍ଣିଙ୍ଗ ୱାର୍କ ପାଇଁ ବାହାରିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଆଉ ତୁରନ୍ତ ଏସଂପର୍କରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ଆଉ ସଙ୍ଗେ ସଙ୍ଗେ ତାଙ୍କୁ ଭଞ୍ଜନଗର ମେଡିକାଲ ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ଏହି ଘଟଣା ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବା ମାତ୍ରେ ତାଙ୍କର ବହୁ ଶୁଭେଚ୍ଛୁ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସେଠାରୁ ତାଙ୍କର ପାର୍ଥିବ ଶରୀର କୁ ନିଜ ଗାଁ ଅଗଝୋଳ ସ୍ଥିତ ବାସଭବନ କୁ ନିଆଯାଇଥିଲା । ସେଠାରେ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଙ୍କ ସମେତ ପୂର୍ବତନ ବ୍ଲକ ଅଧକ୍ଷ ଭବାନୀ ଶଙ୍କର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର ଆରୁଖ, ସରକାରୀ ଓକିଲ



ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ସିଡିପିଓ ମୀଲିମା କୁମାରୀ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ବିଶ୍ୱନାଥ ଜଣେ ଧର୍ମପରାୟଣ ସହ ଜଣେ ମେଳାପୀ ବ୍ୟକ୍ତି ଭାବେ ମଧ ଅଞ୍ଚଳରେ ପରିଚିତ ଥିଲେ । ବିଭିନ୍ନ ଧର୍ମାନୁଷ୍ଠାନ ସହ ମଧ ସେ ଜଡ଼ିତ ଥିଲେ । ତାଙ୍କର ଅକାଳ ବିୟୋଗରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

**ରାୟଗଡ଼ା (ଅମୃତ ମିଡିଆ):** ରାୟଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ ବୈଠକରେ ଅଧକ୍ଷତା କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ରାୟଗଡ ଏସ ସ୍ୱାତୀ କୁମାର, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ଆଓ୍ୱାସି ମାଧମରେ ଗୁଣୁପୁର ଉପଜିଲ୍ଲାପାଳ ସୁଶ୍ରୀ କିରେନଦୀପ କୌର ସାହାଟେ, ପ୍ରମୁଖ ଯୋଗଦାନ କରିଥିଲେ । ଏହି ବୈଠକରେ ପୂର୍ବ ବୈଠକରେ ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ବିଶେଷ କରି ରାୟଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଚକଗୁଡିକରେ ନିହାତି ଆବଶ୍ୟକ ବ୍ୟବସ୍ଥା ଉପରେ ନିଆଯାଇଥିବା କାର୍ଯ୍ୟକ୍ରମ ଯଥା ସାଇବୋର୍ଡ, ରୁମବ୍ଲେର୍ସ ବ୍ୟବସ୍ଥା, ବସ୍




କଟିଙ୍ଗ, ରେଡିୟମ ଲାଇଟ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଏହି ସବୁ ବ୍ୟବସ୍ଥା କାର୍ଯକାରୀ ନକରିଥିଲେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବୈଠକରେ ଆରକ୍ଷୀ ଅଧୀକ୍ଷକ କହିଛନ୍ତି । ସ୍ଥାନୀୟ ନଗାବଳି ପ୍ଲାନେଟୋରିଅମ ପାଖରେ ସ୍ପିଡ଼ ବ୍ରେକର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଶିକ୍ଷା ଅଧିକାରୀ କହିଥିଲେ । ରାୟଗଡ ସହରର ବିଭିନ୍ନ ସପିଙ୍ଗ ମୋଲ, ବ୍ୟାଙ୍କ, ଗାଡ଼ି ଶୋଅ ରୁମଗୁଡ଼ିକରେ ବେଆଇନ ଭକ୍ଷବରେ ଗାଡ଼ି ପକ୍ଷର୍କିଙ୍ଗ କରାଯାଉଥିବାରୁ ଗାଡ଼ି ଚଳାଚଳ ଅସୁବିଧା ହେଉଥିବାରୁ ତୁରନ୍ତ ଏହାର ସମାଧାନ କରିବାକୁ କିଛି ସଦସ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ । ରେଲୱେ ଷ୍ଟେସନ ଛକରୁ ଜିଲ୍ଲାପାଳଙ୍କ ବାସଭବନ ଛକ, ହୋଣ୍ଡା ଶୋଆ ରୁମ ଏବଂ ବ୍ଲକ ଛକ ରୁ ସାରୁମ ପାର୍ଲର ପର୍ଯ୍ୟନ୍ତ ଗାଡି ଚଳାଚଳ ଅସ୍ଥି ଦେଖା ଦେଉଥିବାରୁ ସୁଧାରିବାକୁ ଦୃଷ୍ଟିଗୋଚର କରାଯାଇଥିଲା । ଆରଟିଓ ଓ ପୋଲିସର କଡାକଡି ଯାଞ୍ଚ କରିବାକୁ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଅପ୍ରେଲ ମାସ ସୁଦ୍ଧା ଦ୍ରୁତ ଗତିରେ ଗାଡ଼ି ଚାଳନା ପାଇଁ ୧୫ଜଣକରୁ ୧୫ହଜାର ଟଙ୍କା, ବିନା ହେଲେମେଟରେ ଗାଡ଼ି ଚାଳନା ପାଇଁ ୯୬୫ଜଣକରୁ ୯ଲକ୍ଷ ୬୫ହଜାର, ବିନା ସିଟି ବେଲ୍ଟରେ ଗାଡ଼ି ଚାଳନା ପାଇଁ ୨୯୪ଜଣକରୁ ୩ ଲକ୍ଷ ୨ହଜାର ୫ଶହ ଟଙ୍କା, ଅନ୍ୟାନ୍ୟ ଫାଇନା ବାବଦକୁ ୨୩୩ଜଣକରୁ ୧ଲକ୍ଷ ୮୨ହଜାର ୫ଶହ ଟଙ୍କା ମିଶି ସର୍ବମୋଟ ଜରିମାନା ୧୪ଲକ୍ଷ ୬୫ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି । ଆଗକୁ ଆହୁରି କଡାକଡି ଯାଞ୍ଚ କରିବାକୁ ବୈଠକରେ କୁହାଯାଇଛି ।

ଏହି ବୈଠକରେ ଆରଟିଓ ଶିବାଶଙ୍କର ଚୌଧୁରୀ, ଆଞ୍ଚଳିକ ପରିବହନ କମିଟିର ସଦସ୍ୟ ମାନେ, ବିଭିନ୍ନ ବ୍ଲକରୁ ବିଡ଼ିଓ,ଥାନାରୁ ଥାନା ଅଧିକାରୀ ଯୋଗଦାନ କରି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।